# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th August – 2026

************************************

## ମୁଖ୍ୟ ସମ୍ବାଦ

- ଖେଲୋ ଇଣ୍ଡିଆ ସମ୍ବାଦକୁ ଆସନ୍ତାକାଲି ଆଭାସୀ ମାଧ୍ୟମରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ଗଞ୍ଜାମ ଜିଲ୍ଲା ଗସ୍ତକରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ କରିବା ସହ ଆସନ୍ତାକାଲି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ।

- ନଭେମ୍ବର ୨୪ ତାରିଖରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା ।

ଏବଂ

- ଦେଶରେ ଇନ୍‌ଫ୍ଲୁଏଞ୍ଜା-ଏ' ସଂକ୍ରମଣରୁ ସତର୍କ ରହିବାକୁ ଜନସାଧାରଣଙ୍କୁ ଆଇ.ଏମ୍.ଏ.ର ପରାମର୍ଶ ।

***Desk***

# ଖେଲୋ ଇଣ୍ଡିଆ ଆଲୋଚନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆଭାସୀ ମାଧ୍ୟମରେ 'ଖେଲୋ ଇଣ୍ଡିଆ ସମ୍ବାଦ'କୁ ସମ୍ବୋଧନ କରିବେ ।  ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପାଳନର ଅଂଶସ୍ୱରୂପ 'ମେରା ଯୁବା ଭାରତ' ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଶରେ ପରିଚାଳିତ ହେବ, ଯେଉଁଥିରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତି ଜିଲ୍ଲାର ୨ଟି ମହାବିଦ୍ୟାଳୟର ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିବେ । ଯୁବ ନେତୃତ୍ୱ, ନାଗରିକ ଦାୟିତ୍ୱ, ସ୍ୱେଚ୍ଛାସେବୀ ମନୋଭାବ, ସୁସ୍ଥତା ଏବଂ ଦେଶ ଗଠନ ଦିଗରେ ଏହା ସହାୟକ ହେବ । ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ସହ ଜଡ଼ିତ ହେବା ପାଇଁ ଏହି ଆଲୋଚନା ଏକ ପ୍ରତ୍ୟକ୍ଷ ମାଧ୍ୟମ ପ୍ରଦାନ କରିବ । ଓଡ଼ିଶାର ୬୦ଟି ଅନୁଷ୍ଠାନକୁ ଏଥିପାଇଁ ଚୟନ କରାଯାଇଛି। ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନା, ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି।

***Ganjam/R***

# ପଟ୍ଟା ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ଗୋଳାବନ୍ଧ ଧବଳେଶ୍ୱର ମନ୍ଦିର ପଡ଼ିଆରେ ନୂଆ ଗୋଳାବନ୍ଧ ପୁନର୍ବାସ ଓ ଥଇଥାନ

ପ୍ୟାକେଜ ଏବଂ ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ପଟ୍ଟା ବଣ୍ଟନ କରିବେ । ଗୋଳାବନ୍ଧ ଅଞ୍ଚଳର ମତ୍ସ୍ୟଜୀବୀ ଓ ନୋଳିଆ ପରିବାରଙ୍କ ଆର୍ଥିକ ତଥା ସାମାଜିକ ସ୍ଥିରତା ସୁନିଶ୍ଚିତ ହେବା ସହ ଛେଳିଗଡ଼ ପ୍ରକଳ୍ପଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କର ବୈଧ ଜମି ଅଧିକାର ମିଳିପାରିବ ବୋଲି ଆଜି ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ କହିଛନ୍ତି । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ଜମି ପଞ୍ଜୀକରଣ

ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଯୁକ୍ତିବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ

ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

***Katak/R***

## ବାଲିଯାତ୍ରା

କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସଭାବନା ସଭାଗୃହଠାରେ ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି । ଚଳିତ ବର୍ଷ ବାଲିଯାତ୍ରା ଉପର ଓ ତଳ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି । ବାଲିଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବଲିଉଡ୍ ଏବଂ ଓଲିଉଡ୍‌ର କଳାକାରମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

***Voice :..........***

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Pool*

## ଇନ୍‌ଫ୍ଳୁଏଞ୍ଜା

ଭାରତୀୟ ଭେଷଜ ମହାସଂଘ ଆଇ.ଏମ୍.ଏ. ପକ୍ଷରୁ ଦେଶରେ ଇନ୍‌ଫ୍ଳୁଏନ୍‌ଜା G (H1N1) ସଂକ୍ରମଣ ବୃଦ୍ଧି ପାଉଥିବାରୁ ଲୋକଙ୍କୁ ସତର୍କ

ରହିବାକୁ ଅନୁରୋଧ କରିଛି । ଅଧିକାଂଶ ସଂକ୍ରମଣ ସାଧାରଣ ଓ ଆପେ ଆପେ ଭଲ ହୋଇ ଯାଉଥିବାରୁ ଭୟଭୀତ ନ ହେବାକୁ ଆଇ.ଏମ୍.ଏ. କହିଛି। ଏଥିସହ ଜ୍ୱର କିମ୍ବା ଥଣ୍ଡା ଲକ୍ଷଣ ପାଇଁ ବିନା ଡାକ୍ତରୀ ପରାମର୍ଶରେ ଆଣ୍ଟିବାୟୋଟିକ୍ସ ନେବାକୁ ବାରଣ କରାଯାଇଛି । ଆଇ.ଏମ୍.ଏ.ର ସୂଚନା ଅନୁସାରେ H1N1 ସଂକ୍ରମଣ ହେଲେ ହଠାତ୍ ପ୍ରବଳ ଜ୍ୱର ସହ କମ୍ପ ହେବା କ୍ରମାଗତ ଶୁଖିଲା କାଶ, ଗଳା କଷ୍ଟ, ମାଂଶପେଶୀରେ ପ୍ରବଳ ବିନ୍ଧା ଏବଂ କ୍ଲାନ୍ତି ଦେଖାଦେଇଥାଏ । ଅନ୍ୟାନ୍ୟ ଲକ୍ଷଣ ମଧ୍ୟରେ ମୁଣ୍ଡବିନ୍ଧା, ନାକରୁ ପାଣି ବୋହିବା, ବାନ୍ତି ହେବା ଏବଂ ପତଳା ଝାଡ଼ା ହେବା ଅନ୍ତର୍ଭୁକ୍ତ । ସଂକ୍ରମଣ ବିସ୍ତାରକୁ ରୋକିବା ପାଇଁ ଆଇ.ଏମ୍.ଏ. ପକ୍ଷରୁ କେତେକ ପ୍ରାଥମିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସୁପାରିଶ କରାଯାଇଛି । ଅତିକମ୍‌ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନ ଏବଂ ପାଣିରେ ବାରମ୍ବାର ହାତ ଧୋଇବା କିମ୍ବା ଆଲ୍‌କୋହଲଯୁକ୍ତ ସାନିଟାଇଜର ବ୍ୟବହାର କରିବା ପାଇଁ କୁହାଯାଇଛି । କାଶିବା କିମ୍ବା ଛିଙ୍କିବା ସମୟରେ ଟିସୁ ପେପର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି । ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ମାସ୍କ ପିନ୍ଧିବାକୁ କୁହାଯାଇଛି ।

***Desk***

## ବନ୍ୟା

ରାଜ୍ୟରେ ବନ୍ୟାସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି । ଶ୍ରୀ ରାଉତ କହିଛନ୍ତି, ସମସ୍ତ ନଦୀର ଜଳସ୍ତର

ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ବର୍ତ୍ତମାନ ବୈତରଣୀ ନଦୀର ଜଳସ୍ତର ମଧ୍ୟ ସ୍ଥିର ରହିବା ସହ ବ୍ରାହ୍ମଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ତଳେ ରହିଥିବାର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ।

***Desk***

## ରକ୍ଷାବନ୍ଧନ

ଭାଇ ଓ ଭଉଣୀ ମଧ୍ୟରେ ନିବିଡ଼ ସମ୍ପର୍କର ନିଦର୍ଶନ ହେଉଛି ରକ୍ଷାବନ୍ଧନ ପର୍ବ । ଏହି ଅବସରରେ ରାଜ୍ୟର ପୁରପଲ୍ଲୀରେ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ଭଳିକି ଭଳି ରାକ୍ଷୀ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ନବରଙ୍ଗପୁରଠାରେ ନିଆର ରାକ୍ଷୀ ଷ୍ଟଲ୍ ପଡ଼ିଛି । ଧାନ, ମକା, ମାଣ୍ଡିଆ, କାନ୍ଦୁଲ ଓ ବିରି ଭଳି ସ୍ଥାନୀୟ କୃଷିଜାତ ସାମଗ୍ରୀରୁ ପ୍ରସ୍ତୁତ ହୋଇଛି ରାକ୍ଷୀ । ଏହି ରାକ୍ଷୀଗୁଡ଼ିକ ଭାଇଭଉଣୀଙ୍କ ସ୍ନେହର ପ୍ରତୀକ ସାଜିବା ସହ କାରିଗରଙ୍କ ରୋଜଗାରର ପନ୍ଥା ପାଲଟିଛି । ଓର୍‌ମାସ୍‌ଦ୍ୱାରା ଆରମ୍ଭ କରାଯାଇଥିବା ଏହି ରାକ୍ଷୀ ଷ୍ଟଲ୍‌ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଲାଗିରହିଛି । ଏ ସମ୍ପର୍କରେ ରାକ୍ଷୀ ପ୍ରସ୍ତୁତ କରୁଥିବା କାରିଗର କହିଛନ୍ତି :

***Vocie** :........*

*Ganjam/R*

# ଶିଶୁ ଅଧିକାର

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଆସନ୍ତା ୨୯ ତାରିଖରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ୟୁନିସେଫ୍ ସହଯୋଗରେ "ଶିଶୁମାନଙ୍କ ପରିବାରଭିତ୍ତିକ ଯତ୍ନ ଓ ପରିବାରଠାରୁ ଶିଶୁ ବିଚ୍ଛିନ୍ନତା ରୋକିବା" ସମ୍ପର୍କିତ ଆଞ୍ଚଳିକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

*Desk, Nuapada/R*

# ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦଙ୍କର ଜନ୍ମଦିବସକୁ ଆଜି ଇଦ୍-ଏ-ମିଲାଦ ଉନ୍ ନବୀ ଭାବେ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନେ ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍‌ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । କଟକ, ଭୁବନେଶ୍ୱର, ଭଦ୍ରକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି ।

ନୂଆପଡ଼ା ଜିଲ୍ଲା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏକ ଶୋଭାଯାତ୍ରା ଖଡ଼ିଆଳ ନଗର ପରିକ୍ରମା କରିଥିଲା ।

***Desk***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିବା ସହ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ଆସନ୍ତା ଶୁକ୍ରବାର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଚଳିତ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୩୪୭ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୧୬ ଦଶମିକ ୪ ପ୍ରତିଶତ ଅଧିକ ଅଟେ। ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ଜୁନ୍ ମାସ ପହିଲାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୧ ଶହ ୩ ଦଶମିକ ୯ ମିଲିମିଟର ବର୍ଷା ହୋଇଯାଇଛି। ଯାହା ସ୍ୱାଭାବିକ ବର୍ଷାର ପରିମାଣଠାରୁ ୩୦ ଦଶମିକ ୯ ପ୍ରତିଶତ ଅଧିକ ଅଟେ। ରାଜ୍ୟର ୨୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବାବେଳେ

ଅବଶିଷ୍ଟ ୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଯାଇଛି। କୌଣସି ବି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇ ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ଆଜି ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ଜଳସ୍ତର ୬୨୩ ଦଶମିକ ୭/୧ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୬୧ ହଜାର ୯୭୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୯୦ ହଜାର ୧୭୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

******